SAMBAD
ସମ୍ବାଦ



### ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ

# ଷ୍ଟଡି ସେଣ୍ଟର ସଂଖ୍ୟା ୧୦୦ ଛୁଇଁବ

ଭୁବନେଶ୍ୱର,୧୦।୬(ଇମିସ): ୨୦୧୫ରେ ସମ୍ବଲପୁରଠାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) ସମ୍ପ୍ରସାରିତ ହେବ। ଏବେ ରାଜ୍ୟର ୩୨ଟି ଷ୍ଟଡି ସେଣ୍ଟରରେ ଶିକ୍ଷା ପ୍ରଦାନ

## ବିଶ୍ୱବିଦ୍ୟାଳୟ ଇଣ୍ଟରନେଟ୍ ରେଡିଓ, ଲୋଗୋ ଉନ୍ମୋଚିତ




କରାଯାଉଥିବାବେଳେ ଚଳିତ ମାସରେ ଆଉ ୧୮ଟି କେନ୍ଦ୍ର ଖୋଲାଯିବ। ବର୍ଷ ଶେଷ ସୁଦ୍ଧା ସେଣ୍ଟର ସଂଖ୍ୟାକୁ ୧୦୦ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର କହିଛନ୍ତି।

ଓଏସ୍‌ଓୟୁର ପ୍ରଥମ ପ୍ରତିଷ୍ଠା ଦିବସ ଅବସରରେ ଆଜି ଭୁବନେଶ୍ୱରର ଇଡକଲ୍ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ସେ କହିଲେ, ପ୍ରତିଷ୍ଠା ସମୟରେ ବିଶ୍ୱବିଦ୍ୟାଳୟକୁ ଆଗକୁ ବଢ଼ାଇବା କଷ୍ଟକର ଥିଲା। ତଥାପି ବିଶ୍ୱବିଦ୍ୟାଳୟର ୫ଟି ଆଞ୍ଚଳିକ କେନ୍ଦ୍ର ସହ ପ୍ରମୁଖ ସ୍ଥାନରେ ଷ୍ଟଡି ସେଣ୍ଟର ଖୋଲାଯାଇଛି। ଯେଉଁଠାରେ ୧୮ରୁ ୬୫ ବର୍ଷ ବୟସର ବ୍ୟକ୍ତିମାନେ ଶିକ୍ଷା ଗ୍ରହଣ କରୁଛନ୍ତି। ଆଗାମୀ ଦିନରେ ଭାଷା ପ୍ରଶିକ୍ଷଣକୁ ଅଧିକ ବ୍ୟାପକ କରାଯିବା ସହ ରାଜ୍ୟରେ ଥିବା ଆବଶ୍ୟକତାକୁ ପୂରଣ କରାଯିବ ବୋଲି ସେ କହିଥିଲେ।

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏଚ୍.ପି. ଦୀକ୍ଷିତ୍ ପ୍ରତିଷ୍ଠା ଦିବସର ବକ୍ତୃତା ପ୍ରଦାନ କରି କହିଲେ, ଗ୍ରାମାଞ୍ଚଳରେ ଶିକ୍ଷା ପହଞ୍ଚାଇବା କ୍ଷେତ୍ରରେ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ କରିବ। ସାରା ଦେଶରେ ଶିକ୍ଷକ ସମସ୍ୟା ଲାଗି ରହିଛି। ଅର୍ଥ ଅଭାବ ଯୋଗୁଁ ଅଧିକାଂଶ ଶିକ୍ଷାନୁଷ୍ଠାନର ବିକାଶ ହୋଇ ପାରୁନାହିଁ। ଏଥିପ୍ରତି ଗୁରୁତ୍ୱ ଦେବା ସହ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସେ ପରାମର୍ଶ ଦେଇଥିଲେ।

ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଶୋକ କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ, ମୁକ୍ତ ବିଶ୍ୱବିଦ୍ୟାଳୟ ଏକ ଭଲ ବ୍ୟବସ୍ଥା। ଇଗ୍‌ନୌ ଜାତୀୟସ୍ତରୀୟ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ବେଳେ ଓଏସ୍‌ଓୟୁ ଓଡ଼ିଶାର ପିଲାଙ୍କୁ ଆଖିରେ ରଖି ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବ। ମାଲକାନଗିରି, କୋରାପୁଟ ପରି ଜିଲ୍ଲାରେ ଶିକ୍ଷକ ସମସ୍ୟା ରହୁଛି। ତାହାକୁ ଦୂର କରିବାକୁ ଓଏସ୍‌ଓୟୁ ସହାୟକ ହେବ। ଏଥିପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ ସହାୟତା ପ୍ରଦାନ କରିବ। କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକ୍ରିଷ୍ଣା ଦେବରାଓ ଯୋଗଦେଇ କହିଲେ, ବୈଷୟିକ ଜ୍ଞାନକୌଶଳର ବିକାଶ ହେଉଛି। ସେହି ଅନୁଯାୟୀ ଆମ ପିଲାଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ। ଏ ଦିଗରେ ଉଭୟ ବିଶ୍ୱବିଦ୍ୟାଳୟ ମିଳିତଭାବେ କାର୍ଯ୍ୟ କରିବେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଇଣ୍ଟରନେଟ୍ ରେଡିଓ, ଓଡ଼ିଆ ଭାଷାରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ପାଠ୍ୟପୁସ୍ତକ, ବିଶ୍ୱବିଦ୍ୟାଳୟ ପ୍ରେଫାଇଲ୍ ଏବଂ ବିଶ୍ୱବିଦ୍ୟାଳୟ ଲୋଗୋ ଉନ୍ମୋଚିତ ହୋଇଥିଲା। ଶେଷରେ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଜୟନ୍ତ କର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।